# The Odisha Gazette

EXTRAORDINARY

PUBLISHED BY AUTHORITY

No. 1659 CUTTACK, MONDAY, JULY 10, 2023/ASADHA 19, 1945

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

### ସାମାଜିକ ପ୍ରଭାବ ନିର୍ଦ୍ଧାରଣ ନିମନ୍ତେ ଅଧିସୁଚନା

**The 1st June 2023**

**S.R.O. No. 446/2023**—ରାଜ୍ୟ ସରକାର ପ୍ରଭାବିତ ଗ୍ରାମ / ୱାର୍ଡସ୍ତରରେ ସମ୍ପୃକ୍ତ ଗ୍ରାମ-ପଞ୍ଚାୟତଙ୍କ ପରାମର୍ଶ କ୍ରମେ ନିମ୍ନଲିଖିତ ଭୂମି ଅଧିଗ୍ରହଣ କରିବାକୁ ଚାହୁଁଛନ୍ତି ଏବଂ ସେଥିନିମନ୍ତେ ସର୍ବସାଧାରଣ ଉଦ୍ଦେଶ୍ୟରେ ପ୍ରଭାବିତ ଅଞ୍ଚଳରେ ସାମାଜିକ ପ୍ରଭାବ ନିର୍ଦ୍ଧାରଣ (Social Impact Assessment) ସର୍ବେକ୍ଷଣ କରିବାକୁ ଚାହୁଁଛନ୍ତି । ଭୂମି ଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୁଲ୍ୟ ଏବଂ ସ୍ୱଚ୍ଛତା ଅଧିକାର ଆଇନ –୨୦୧୩ର ଧାରା ୪ ଅନୁଯାୟୀ ଉକ୍ତ ସର୍ବେକ୍ଷଣ କରାଯିବ ।

୧. ପ୍ରକଳ୍ପ ବିକାଶକାରୀଙ୍କ ନାମ:- ଚିପ୍ ଜେନେରାଲ ମ୍ୟାନେଜର, (ଲ୍ୟାଣ୍ଡ) ଇଡ଼କୋ, ଭୁବନେଶ୍ବର ।

୨.ପ୍ରସ୍ତାବିତ ଭୂମି ଅଧିଗ୍ରହଣର ଉଦ୍ଦେଶ୍ୟ- ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲର ଗୋଇଭଙ୍ଗା ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା (Land Bank Filing) ନିମନ୍ତେ ।

୩. SIA study କରୁଥିବା ଅନୁଷ୍ଠାନର ଯୋଗାଯୋଗ ସୁଚନା;-Research and Information Centre for Orissa (RICOR), Bhubaneswar.

SIA ସର୍ବେକ୍ଷଣ ଅନୁଷ୍ଠାନ: Nabakrushna Choudhury Centre for Development Studies, Bhubaneswar, Phone No. 0674-2300471/ 2301094

୪.ପ୍ରକଳ୍ପ ପାଇଁ ସୁନ୍ଦରଗଡ ଜିଲ୍ଲାରେ ପ୍ରସ୍ତାବିତ ଭୁ ଅଧିଗ୍ରହଣର ବିବରଣୀ/ ତଫସିଲ

| କ୍ରମିକନଂ | ତହସିଲ | ଗ୍ରାମପଞ୍ଚାୟତ/ ମ୍ୟୁନିସିପାଲିଟି | ଗ୍ରାମ | ବେସରକାରୀ ଜମି | ମନ୍ତବ୍ୟ |
|---|---|---|---|---|---|
| ୧ | ଲାଠିକଟା | କଲୁଙ୍ଗା (ଖ) | ଗୋଇଭଙ୍ଗା | ୩.୧୮୦ | |
| | | | ମୋଟ୍- | ୩.୧୮୦ | |

ଭୂମି ଅନୁସୁଚିର ନକଲ ଏଥିସହିତ ସଲଗ୍ନ କରାଯାଇଛି ।

୫. ପ୍ରସ୍ତାବିତ ପ୍ରକଳ୍ପର ସଂକ୍ଷିପ୍ତ ବିବରଣୀ :- ସୁନ୍ଦରଗଡ ଜିଲ୍ଲାର ୦୧ ତହସିଲର ଉପରୋକ୍ତ ୦୧ଟି ରାଜସ୍ୱ ଗ୍ରାମରେ ଚିପ୍ ଜେନେରାଲ ମ୍ୟାନେଜର, (ଲ୍ୟାଣ୍ଡ) ଇଡ଼କୋ, ଭୁବନେଶ୍ବରଙ୍କ ଦ୍ୱାରା ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲର ଗୋଇଭଙ୍ଗା ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା (Land Bank Filing) ନିମନ୍ତେ ଘରୋଇ ଜମି ଅଧିଗ୍ରହଣ କରାଯିବ ।

୬. SIA ସର୍ବେକ୍ଷଣରେ ଅନ୍ତର୍ଭୁକ୍ତ ପ୍ରକଳ୍ପ ଅଞ୍ଚଳ ଏବଂ ପ୍ରକଳ୍ପ ପ୍ରଭାବିତ ଅଞ୍ଚଳ :-

ସୁନ୍ଦରଗଡ ଜିଲ୍ଲାରେ ଉପରୋକ୍ତ ୦୧ଟି ଗ୍ରାମର ୩.୧୮୦ ଏକର ଘରୋଇ ଜମି ସୁନ୍ଦରଗଡ ଜିଲ୍ଲାର ଲାଠିକଟା ତହସିଲର ଗୋଇଭଙ୍ଗା ଗ୍ରାମରେ ଶିଳ୍ପାୟନ ପ୍ରତିଷ୍ଠା (Land Bank Filing) ନିମନ୍ତେ ଅନ୍ତର୍ଭୁକ୍ତ । ପ୍ରକଳ୍ପ ପ୍ରଭାବିତ ଜମିର ବିସ୍ତୃତ ତାଲିକା/ତଫସିଲ SIA ସର୍ବେକ୍ଷଣ ଅନ୍ତେ ମିଳିପାରିବ ।

୭. SIA ସର୍ବେକ୍ଷଣର ପ୍ରାଥମିକ ଉଦ୍ଦେଶ୍ୟ ଏବଂ ମୁଖ୍ୟ କାର୍ଯ୍ୟାବଳୀ :-

ସର୍ବସାଧାରଣ ଉଦ୍ଦେଶ୍ୟ ନିର୍ଦ୍ଧାରଣ

ପ୍ରଭାବିତ ଅଞ୍ଚଳରେ ଥିବା ସମସ୍ତ ଗ୍ରାମପଞ୍ଚାୟତ / ଗ୍ରାମ / ୱାର୍ଡର ପରାମର୍ଶ କ୍ରମେ SIA ସର୍ବେକ୍ଷଣ କରାଯିବ । SIA ସର୍ବେକ୍ଷଣ କ୍ଷେତ୍ର ପରିଦର୍ଶନ, ପ୍ରଭାବିତ ବ୍ୟକ୍ତିଙ୍କ ସାମୁହିକ ଆଲୋଚନା ଏବଂ ପ୍ରଭାବିତ ବ୍ୟକ୍ତିଙ୍କ ମତାମତ ଚୁଡାନ୍ତ ରିପୋର୍ଟରେ ସ୍ଥାନିତ ହେବ ।

ଭୂମି ଅଧିଗୃହିତ ପ୍ରତ୍ୟକ୍ଷ ଅଥବା ପରୋକ୍ଷ ଶତକଡା ୨୫ ଭାଗ ପ୍ରଭାବିତ ସମସ୍ତ ଗ୍ରାମସଭାମାନଙ୍କରେ ଜନ ଶୁଣାଣି କରାଯିବ ।

୮. ଗ୍ରାମସଭା / ଭୂମି ମାଲିକଙ୍କ ସହମତି ଆବଶ୍ୟକ କି ?

ସହମତି ଆବଶ୍ୟକ ।

୯. SIA ସର୍ବେକ୍ଷଣ ଆରମ୍ଭ ଏବଂ ସମାପନ ରିପୋର୍ଟ ପ୍ରଦାନ ଏବଂ ତାହାର ପ୍ରକାଶନ

ସରକାରୀ ବିଜ୍ଞପ୍ତି ପ୍ରକାଶିତ ଦିବସଠାରୁ ୬ ମାସ ମଧ୍ୟରେ SIA ସର୍ବେକ୍ଷଣ ସମାପନ କରାଯିବ ।

SIA ସର୍ବେକ୍ଷଣ ରିପୋର୍ଟ ସମ୍ପୃକ୍ତ ପ୍ରଭାବିତ ପଞ୍ଚାୟତ/ଗ୍ରାମ/ୱାର୍ଡ ସ୍ତରରେ ସ୍ଥାନୀୟ ଭାଷାରେ ପ୍ରକାଶନ କରାହେବ । ତତସହିତ ଜିଲ୍ଲାପାଳ, ଉପଜିଲ୍ଲାପାଳ ଏବଂ ବ୍ଲକମହକୁମାରେ ପ୍ରକାଶନ କରାଯିବ ଏବଂ ସର୍ବସାଧାରଣଙ୍କ ଗୋଚରାର୍ଥେ ସରକାରଙ୍କ ୱେବସାଇଟରେ ସୁଚିତ ହେବ ।

ଖତିୟାନ କପି

ମୌଜା- ଗୋଇଭଙ୍ଗା    ତହସିଲ- ଲାଠିକଟା    ଥାନା- ଲାଠିକଟା    ଜିଲ୍ଲା- ସୁନ୍ଦରଗଡ

| କ୍ର. ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅର୍ଜନ ରକବା | ଖାତା ରୟତଙ୍କ ନାମ, ପିତାଙ୍କ ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|---|
| ୧ | ୬୪/୩୧ | ୧୨୧ | ଗୋଡା- ୨ | ୦.୦୬ | ୦.୦୬ | ଧାନ କୁଆଁର ମୁଣ୍ଡା ପି-କ୍ରିତଦାଶ ମୁଣ୍ଡା ଜା-ମୁଣ୍ଡା ବା-ନିଜଗାଁ |
| ୨ | ୬୪/୨୪୫ | ୧୩୯/୧୦୯୧<br>୧୩୮/୧୦୯୦ | ଗୋଡା- ୨<br>ବେ. ସା. | ୦.୫୮<br>୦.୧୦ | ୦.୫୮<br>୦.୧୦ | ଫାଗୁ ମିଞ୍ଜ ପି :ବିରି ମିଞ୍ଜ ଜା ଓରାମ ବା ସାନ ନଆଗାଁ ,ଥାନା-ବ୍ରାହ୍ମଣୀତରଙ୍ଗ,ସୁନ୍ଦରଗଡ଼ |
| ୩ | ୬୪/୨୪୭ | ୧୪୫<br>୧୪୩/୧୦୯୨ | ମା. ସା.<br>ବେ. ସା. | ୦.୨୨୫<br>୧.୦୦ | ୦.୨୨୫<br>୧.୦୦ | ଫଗୁ ମିଞ୍ଜ ପି :ବିରି ମିଞ୍ଜ ଜା: ଓରାମ ବା-ସାନ ନୁଆଗାଁ ,ଥାନା-ବ୍ରାହ୍ମଣୀତରଙ୍ଗ,ସୁନ୍ଦରଗଡ଼ |
| ୪ | ୬୪/୨୫୯ | ୧୨୧/୭୬୧ | ଗୋଡା- ୨ | ୦.୧୦ | ୦.୧୦ | ଫଗୁ ମିଞ୍ଜ ପି :ବିରି ମିଞ୍ଜ ଜା: ସାନ ନୂଆଗାଁ :ଓରାମ ବା,ଥାନା-ବ୍ରାହ୍ମଣୀତରଙ୍ଗ,ସୁନ୍ଦରଗଡ଼ |
| ୫ | ୬୪/୨୫୪ | ୧୪୦/୧୦୯୫ | ଗୋଡା- ୨ | ୧.୧୨ | ୧.୧୧୫ | ସମ୍ଭୁନାଥ ଠାକୁର ପି-ବଳଦେବ କଲୁଙ୍ଗା :ଭୂୟାଁ ବା :ଠାକୁର ଜା ଖ,ଥାବ୍ରାହ୍ମଣୀତରଙ୍ଗ-,ଜି-ସୁନ୍ଦରଗଡ଼ |
| | | | | ମୋଟ | ୩.୧୮୦ | |

**[No. 19707—RDM-LAC-SUN-0011-2023-RDM]**

ରାଜ୍ୟପାଳଙ୍କ ଆଦେଶାନୁସାରେ

ମଧୁସ୍ମିତା ସାହୁ

ଅତିରିକ୍ତ ଶାସନ ସଚିବ

Printed and Published by the Director, Directorate of Printing, Stationery and Publication, Odisha, Cuttack-10
Ex. Gaz. 944—173+0